# Akashvani, Sambalpur

## SAMBALPURI NEWS BULLETIN

### 2 October 2023- 6.47- 6.52 am.

**********************************************

ମହାତ୍ମାଗାନ୍ଧୀ, ଶାସ୍ତ୍ରୀ- ଜୟନ୍ତୀ       ଆର୍ଏନ୍ୟୁ ସମ୍ବଲପୁର୍

ସାରାଦେଶେ ଜାତିର ପିତା ମୋହନ୍ ଦାସ କମର୍ଚାନ୍ଦ୍ ଗାନ୍ଧୀଙ୍କର୍ ଆଏଜ୍ ଶହେ ୫୪ ନମ୍ବର୍ ଜୟନ୍ତୀ ପାଲନ୍ କରାଯାଉଛେ । ଗାନ୍ଧୀଜୀ ତାଁକର୍ ବିଚାର୍, ଆଦର୍ଶ, ମାନବିକ ମୂଲ୍ୟବୋଧ, ସତ୍ୟର ବାଣୀ, ରାଜନୀତି, ପରିବାର ଆଉ ସମାଜ୍ମଙ୍ଗଲ୍ ଆଉ ଅବହେଲିତ୍ମାନ୍କର୍ ଲାଗି କରିଯାଇଥିବା କାମ୍ ଲାଗି ସବୁବେଲେ ନମସ୍ୟ ହେଇ ରହେବେ । ଦେଶର୍ ସ୍ୱାଧୀନତା ଆନ୍ଦୋଲନ୍ଥି ମୁଖ୍ୟ ଭୂମିକା ନେଇଥିବା ଗାନ୍ଧୀଜୀ ତାଁକର୍ ଜୀବନ କାଳ ଭିତ୍ରେ ଓଡ଼ିଶାକେ ୮ ଥର୍ ଆସିକରି ଅଣସ୍ତୋର୍ ଦିନ୍ ରହିଥିଲେ । ଗାନ୍ଧୀଜୀଙ୍କର୍ ପବିତ୍ର ଜନମ୍ ଦିନ୍ଥି ଆଏଜ୍ ସାରା ଦେଶ୍ ତାଁକୁ ଶ୍ରଦ୍ଧାଞ୍ଜଳି ଜନାବାର୍ ସହେତେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ମାନ୍ କରାଯାଉଛେ ।

ଆଏଜ୍ ଭୁବ୍ନେଶ୍ୱର୍ ନ ମହାତ୍ମାଗାନ୍ଧୀଙ୍କର ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ପାଲନ୍ କରାଯାଉଛେ । ବିଧାନ୍ସଭା ପରିସର୍ ନ ଥିବା ମହାତ୍ମାଗାନ୍ଧୀଙ୍କର୍ ପ୍ରତିମୂର୍ତି ପାଖେ ଆଏଜ୍

ସଖାଲ୍‌ବେଲା ସାଢ଼େ ୯ ବଜେ ଗୁଟେ ପ୍ରାର୍ଥନା ସଭା ଅନୁଷ୍ଠିତ୍ ହେବା । ଇତାର୍‌ଛଡ଼ା ଜୟଦେବ୍ ଭବନ୍ ନ 'ଓଡ଼ିଶାରେ ଗାନ୍ଧୀଜୀ' ଶୀର୍ଷକ ଗୁଟେ ଫଟୋଚିତ୍ର ପ୍ରଦର୍ଶନୀ ଆଉ ଗାନ୍ଧୀ ଦର୍ଶନ୍ ଶୀର୍ଷକ ଆଲୋଚନା ଚକ୍ର ଆୟୋଜନ୍ କରାଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଆଏଜ୍ ଦେଶର୍ ଦୁଇ ନମ୍ବର୍ ପ୍ରଧାନ୍‌ମନ୍ତ୍ରୀ ଲାଲ୍‌ବାହୁଦୂର୍ ଶାସ୍ତ୍ରୀଙ୍କର୍ ଭିଲ୍ ଜନମ୍ ଦିନ୍ ଭିଲ୍ ଆଏ । ଶାସ୍ତ୍ରୀଜୀଙ୍କର୍ ଜୀବନ୍ ଭିଲ୍ ଆମ୍‌କୁ ସାଧୁ ଆଉ ନୀତିବାନ୍ ରହେବାର୍ ଦିଗେ ପ୍ରେରଣା ଦେସି । ଇ ଅବ୍‌ସରେ ତାଁକର୍ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଦିଆଯାଉଛେ ।

ଆନ୍ତର୍ଜାତିକ ଅହିଂସା ଦିବସ୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଆନ୍ତର୍ଜାତିକ ଅହିଂସା ଦିବସ୍ । ମହାତ୍ମାଗାନ୍ଧୀଙ୍କର୍ ଜୟନ୍ତୀକେ ସୋର୍ ପକାବାର୍ ଲାଗି ଇ ଦିବସ୍ ପାଲନ୍ କରାଯାଉଛେ । ୨୦୦୭ ମସିହାଥି ମିଲିତ୍ ଜାତିସଂଘ ତର୍‌ଫୁ ଅହିଂସା ଦିବସ ପାଲନ୍ ଲାଗି ଘୋଷ୍‌ନା କରାଯାଇଥିଲା ।

ସ୍ୱଚ୍ଛତା ଅଭିଯାନ ଆର୍‌ଏନ୍‌ୟୁ ସମ୍ବଲପୁର୍

ସାରା ଦେଶେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆହ୍ୱାନ୍‌ଥି ଗଲାକାଏଲ୍ ସ୍ୱଚ୍ଛତା ଅଭିଯାନ୍ ପାଲିତ୍ ହେଇଛେ । ନୂଆଦିଲ୍ଲୀର୍ ଇ ସ୍ୱଚ୍ଛତା ଅଭିଯାନ୍‌ଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀଙ୍କର୍ ସଙ୍ଗେ ଫିଟ୍‌ନେସ୍ ଗୁରୁ ଅଙ୍କିତ ବାୟନପୁରିଆ ଯୋଗ୍ ଦେଇଥିଲେ । ସ୍ୱଚ୍ଛତା ଅଭିଯାନ୍‌ଥି ସାରା ଦେଶେ ମନ୍ତ୍ରୀ, ରାଜନେତା, ପେସାଦାର, ଶିକ୍ଷକ୍ ଶିକ୍ଷୟତ୍ରୀ ଆଉ ଛାତ୍ରଛାତ୍ରୀମାନେ ସାମିଲ୍ ହେଇକରି ସଫେଇ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇଥିଲେ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ଅହମଦାବାଦ୍ ନ ସ୍ୱଚ୍ଛତା ହିଁ ସେବା ଅଭିଯାନ୍‌ଥି ଯୋଗ୍ ଦେଇଥିଲେ ।

ଧର୍ମେନ୍ଦ୍ର ପ୍ରଧାନ-ଜୁହାର୍ ପରିବାର୍-ନୂଆଖାଇ/ଆର୍‌ଏନ୍‌ୟୁ କଟକ୍

ଆମ ସଂସ୍କୃତି ଏକତା ମନୋଭାବ ଆନ୍‌ବାର୍ ସହେତେ ବିଶ୍ୱକେ ପ୍ରଭାବିତ୍ କର୍‌ସି ବଲି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ୍ ଆଉ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ କହିଛନ୍ । ନୂଆଦିଲ୍ଲୀ ନ ଜୁହାର୍ ପରିବାର୍ ତର୍‌ଫୁ ହେଇଥିବା ନୂଆଁଖାଇ ପରବ୍ ୨୦୨୩ଥି ଯୋଗ୍ ଦେଇକରି ଶ୍ରୀ ପ୍ରଧାନ୍ କହିଛନ୍ ଯେ, ନୂଆଖାଇ ହେଉଛେ ଆମର୍ ପରିଚୟ ଆର୍ ସଂସ୍କୃତିର ପ୍ରତୀକ୍ । ସାରାଦେଶ୍ ଇଟାକେ ସମ୍ମାନ୍‌ଥି ଗ୍ରହଣ୍ କର୍‌ବାର୍ ସହେତେ ଇ ଭିତ୍‌ରେ ହେଇଥିବା ଜି-

ଙ୍ଫେଟି ସମ୍ମିଲନୀଥି ସମ୍ବଲ୍‌ପୁରୀ ଡାଲ୍‌ଖାଇ ଗୀତ୍ ପୁରଥିର୍ ନେତାମାନ୍‌କୁ ଆକୃଷ୍ଟ କରିଥିଲା । ଇ ଅବ୍‌ସରେ ସେନ ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ହେଇଥିଲା ।

ଅନ୍‌ଲାଇନ୍ ଖେଲ୍ ଆର୍‌ଏନ୍‌ୟୁ କଟକ୍

ଅନ୍‌ଲାଇନ୍ ଖେଲ, ଜୁଆ, କେସିନୋ, ଘୋଡ଼ା ଦୌଡ଼ ଆର୍ ଲଟ୍‌ରୀ ଉପ୍‌ରେ ଗଲାକାଏଲ୍‌ନୁ ୨୮ ପ୍ରତିଶତ୍ ଦରବ୍ ଆଉ ସେବାକର - ଜିଏସ୍‌ଟି ଲାଗୁ ହେଇଛେ । ଅର୍ଥମନ୍ତ୍ରଣାଲୟ ତର୍‌ଫୁ ଇ ବାବ୍‌ଦେ ବିଜ୍ଞପ୍ତି ବାହାରିଛେ । ଜିଏସ୍‌ଟି ପରିଷଦ୍‌ର ୫୧ ନମ୍ବର୍ ବୈଠକ୍‌ଥି ଇ ନିଷ୍ପତି ଗ୍ରହଣ୍ କରାଯାଇଛେ ।

ସଫେଇ ଅଭିଯାନ-ଭୁବ୍‌ନେଶ୍ୱର୍ ଆର୍‌ଏନ୍‌ୟୁ ସମ୍ବଲପୁର୍

ସ୍ୱଚ୍ଛତା ହିଁ ସେବା ଅଭିଯାନ୍ ଅବ୍‌ସରେ ଭାରତୀୟ ଭୂ-ବୈଜ୍ଞାନିକ୍ ସର୍ବେକ୍ଷଣ୍‌ର ଭୁବ୍‌ନେଶ୍ୱର୍ କାର୍ଯ୍ୟାଲୟ ଆଉ ଭୁବ୍‌ନେଶ୍ୱର୍ ନ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ୍ ସର୍ବେକ୍ଷଣ୍ ମଣ୍ଡଲ୍ ତର୍‌ଫୁ ଗୁଟେ ବୃହତ୍ ସଫେଇ ଅଭିଯାନ୍ ଗଲାକାଏଲ୍ କରାଯାଇଥିଲା । ଇ ଅଭିଯାନ୍‌ଥି ରାଜ୍ୟପାଲ୍ ପ୍ରଫେସର୍ ଗଣେଶୀ ଲାଲ୍, ସାଂସଦ୍

ଅପରାଜିତା ଷଡ଼ଙ୍ଗୀ, ଭୁବ୍‌ନେଶ୍ୱର୍ ମହାନଗର୍ ନିଗମ୍‌ର କମିଶନର୍ ବିଜୟ ଅମୃତ୍ କୁଲାଙ୍ଗେ ଯୋଗ୍ ଦେଇଥିଲେ । ୧ ତାରିଖ୍ , ୧ ଘଂଟା, ଏକାସଙ୍ଗେ ବିଷୟବସ୍ତୁ ଉପ୍‌ରେ ଆଧାରିତ୍ ଇ ବୃହତ୍ ସଫେଇ କାର୍ଯ୍ୟକ୍ରମ୍‌ଥି ୬ ଶହ ନୁ ଅଏତ୍‌କା ସ୍ୱେଚ୍ଛାସେବୀ ସାମିଲ୍ ହେଇଥିଲେ ।

ବନ୍ୟପ୍ରାଣୀ ସପ୍ତାହ        ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍‌ଠାନୁ ବନ୍ୟପ୍ରାଣୀ ସପ୍ତାହ ପାଲନ୍ କରାଯାଉଛେ । ବନ୍ୟପ୍ରାଣୀ ଆଉ ସେମାନେ ରହୁଥିବା ଜାଗା ମାନ୍‌କର୍ ସୁରକ୍ଷା ସହେତେ ସେମାନ୍‌କର୍ ସଂରକ୍ଷଣ୍ ଲାଗି ଜନସଚେତନତା ସୃଷ୍ଟି କର୍‌ବାର୍‌କେ ଇ ସପ୍ତାହ ପାଲନ୍‌ର ଉଦ୍ଦେଶ୍ ଆଏ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଗୁଟେ ବାର୍ତାଥି ବନ୍ୟପ୍ରାଣୀମାନ୍‌କର୍ ସୁରକ୍ଷା, ସଂରକ୍ଷଣ୍ ଆଉ ଅଭିବୃଦ୍ଧି ଲାଗି ସ୍ୱେଚ୍ଛାସେବୀ ଆଉ ଲୁକ୍‌କର୍ ସହଯୋଗ୍ କାମନା କରିଛନ୍ । ଜଙ୍ଗଲ୍ ପରିବେଶ୍ ଆଉ ଜଲ୍‌ବାୟୁ ପରିବର୍ତନ୍ ମନ୍ତ୍ରୀ ପ୍ରଦୀପ୍ କୁମାର୍ ଅମାତ୍ ବନ୍ୟପ୍ରାଣୀଙ୍କର୍ ସଂରକ୍ଷଣ୍ ଆଉ ପରିଚାଲନା ଲାଗି ଲୁକ୍‌କର୍ ସହଯୋଗ୍ ଦର୍‌କାର୍ ବଲି କହିଛନ୍ ।

୩ ନୂଆଁ ପାଠ୍ୟକ୍ରମ୍- ପିଜି ଆର୍‌ଏନ୍‌ୟୁ ସମ୍ବଲପୁର୍

ସମ୍ବଲପୁର୍ ବିଶ୍ୱବିଦ୍ୟାଳୟ ନ ୩ ଟା ବିଷୟଥି ନୂଆଁ ପୋଷ୍ଟ ଗ୍ରାଜୁଏଟ୍ ପାଠ୍ୟକ୍ରମ୍ ମୁଲ୍ ହେବା । ଶିକ୍ଷା, ବାଣିଜ୍ୟ ଆଉ ସଂସ୍କୃତଥି ସ୍ନାତକୋତର- ପିଜି ପାଠ୍ୟକ୍ରମ୍ ମୁଲ୍ କର୍‌ବାର୍ ଲାଗି ବିଶ୍ୱବିଦ୍ୟାଳୟ କର୍ତୃପକ୍ଷ କେନ୍ଦ୍ର ସର୍‌କାର୍‌ଙ୍କୁ ପ୍ରସ୍ତାବ୍ ଦେଇଛନ୍ । ଇ ପ୍ରସ୍ତାବ୍ ଅନ୍‌ସାରେ ଶିକ୍ଷା ବିଷୟ ପିଜି ଥି ୪୦ ଟା ସିଟ୍ ସଙ୍ଗେ ବାଣିଜ୍ୟ ଆଉ ସଂସ୍କୃତ ଥି ୩୨ ଟା ଲେଖା ସିଟ୍ ରହେବା ବଲି ବିଶ୍ୱବିଦ୍ୟାଳୟ ସୂତ୍ରନୁ ଜନାପଡ଼ିଛେ ।

ସିଆର୍‌ପିଏଫ୍‌ର ଥାପ୍‌ନା ଦିବସ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଅଟାଙ୍ଗଗୁଡ଼ାଠାନେ ଥିବା ସିଆର୍‌ପିଏଫ୍ କେମ୍ପ୍ ଠାନେ ଗଲାକାଏଲ୍ ସିଆର୍‌ପିଏଫ୍‌ର ଥାପ୍‌ନା ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ହେଇଥିବା ଗୁଟେ କାର୍ଯ୍ୟକ୍ରମ୍‌ଥି ସିଆର୍‌ପିଏଫ୍‌ର ଦ୍ୱିତୀୟ କମାଣ୍ଡ ଅଧିକାରୀ ପ୍ରଶାନ୍ତ ମିଶ୍ର, ଡେପୁଟି କମାଣ୍ଡେଂଟ୍ ସଚ୍ଚିଦା ନନ୍ଦ ପାତ୍ର ଆଉ ଡି.ଆଇ.ଜି. ବିତିକା ସିଂ ଯୋଗ୍ ଦେଇକରି ଥାପ୍‌ନା ଦିବସ୍ ଅବ୍‌ସରେ ଜବାନ୍

ମାନ୍‌କର୍ ମନୋବଲ ବଢ଼ାବାର୍ ଲାଗି ଉଦ୍‌ବୋଧନ୍ ଦେଇଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଜ୍ୟର୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ଼୍, ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ କେନ୍ଦୁଝର୍ ଜିଲ୍ଲା ନ ଆଏଜ୍ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ ବିଭାଗ୍ ଅରେଞ୍ଜ୍ ଓ୍ୱାର୍ଣ୍ଣିଂ ଜାରି କରିଛେ । ଗଲା ୨୪ ଘଂଟା ଭିତ୍‌ରେ ଟିଟିଲାଗଡ଼୍ ନ ୯୦, ଭୁବ୍‌ନେଶ୍ୱର୍ ନ ୮୮, ହୀରାକୁଦ୍ ନ ୮୮, ସମ୍ବଲ୍‌ପୁର୍ ନ ୮୭, ସୋନ୍‌ପୁର୍ ନ ୮୭, ଭବାନୀପାଟ୍‌ନା ନ ୮୧ , କଟକ୍ ନ ୯୫ ମିଲିମିଟର୍ ବର୍ଷା ହେଇଯାଇଛେ ବଲି ପାଣିପାଗ୍ ବିଭାଗ୍ ତର୍‌ଫୁ ଜନାପଡ଼ିଛେ ।